# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**09th May - 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଭାରତ-ପାକିସ୍ତାନ ଉତ୍ତେଜନା ପରିପ୍ରେକ୍ଷୀରେ ପ୍ରତିରକ୍ଷା ମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ଭିନ୍ନ ଭିନ୍ନ ଉଚ୍ଚସ୍ତରୀୟ ବୈଠକ
- ସୁରକ୍ଷାବାହିନୀର ଗତିବିଧିର ସିଧାପ୍ରସାରଣ ନ କରିବା ପାଇଁ ଗଣମାଧ୍ୟମକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ପରାମର୍ଶ
- ୨୦୩୬ ମସିହା ସୁଦ୍ଧା ରାଜ୍ୟର ଅର୍ଥନୀତି ୫୦୦ ବିଲିୟନ୍ ଡଲାର ଛୁଇଁବ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଆଜି ପୂରିଲା ୧୦ ବର୍ଷ

— ଅଦ୍ୟାବଧି ୫୦ କୋଟି ୫୪ ଲକ୍ଷ ଲୋକ ଯୋଜନାରେ ପଞ୍ଜୀକୃତ

# ଅପରେସନ ସିନ୍ଦୂର-କାର୍ଯ୍ୟାନୁଷ୍ଠାନ

ଅପରେସନ 'ସିନ୍ଦୂର' ଅନ୍ତର୍ଗତ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବେଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତିରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ଗୁଇନ୍ଦା ମୁଖ୍ୟ, ବିଏସ୍ଏଫ୍ ଓ ସିଆଇଏସ୍ଏଫ୍ ଡିଜି ଉପସ୍ଥିତ ରହି ସୀମାସ୍ଥିତି ଓ ବିମାନ ବନ୍ଦରର ସୁରକ୍ଷା ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀଠାରେ ଅପରେସନ 'ସିନ୍ଦୂର' ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତିନି ସେନାମୁଖ୍ୟଙ୍କ ସହ ପଶ୍ଚିମ ସୀମାନ୍ତରେ ସୁରକ୍ଷା ପରିସ୍ଥିତି ଓ ଭାରତୀୟ ସାମରିକ ବଳର ପ୍ରସ୍ତୁତି ଉପରେ ସମୀକ୍ଷା କରିଛନ୍ତି। ଏଥିରେ ପ୍ରତିରକ୍ଷା ବିଭାଗ ମୁଖ୍ୟ ଅନୀଲ ଚୌହାନ, ସିଡିଏସ୍ ଏବଂ ଡିଆରଡିଓ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ଦିନରେ ପାକିସ୍ତାନ ଉପରେ ଆକ୍ରମଣର ପ୍ରତି-ଜବାବ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ବରିଷ୍ଠ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ଜରୁରୀକାଳିନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଭାରତ ସହ ଉତ୍ତେଜନା ବୃଦ୍ଧି ପରେ ପାକିସ୍ତାନ ସରକାର ଆନୁଷ୍ଠାନିକ ଭାବେ  ଅନ୍ତର୍ଜାତୀୟ ବନ୍ଧୁ ରାଷ୍ଟ୍ର ପାଖରୁ ଋଣ ପାଇଁ ଅନୁରୋଧ କରିଥିବା ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରୁ ଜଣାପଡିଛି।

ସୂଚନାଯୋଗ୍ୟ, ଅପରେସନ୍ ସିନ୍ଦୂର ଅନ୍ତର୍ଗତ ଭାରତ  ପାକିସ୍ତାନ ମଧ୍ୟରେ ଜବାବୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।  ଭାରତର ଏକାଧିକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଦ୍ୱାରା ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାରତର ପ୍ରତି-ଆକ୍ରମଣ ଲକ୍ଷ୍ୟ ଭିତ୍ତିକ, ସଠିକ୍ ଏବଂ ଅଣଉତ୍ତେଜନାମୂଳକ । ପାକିସ୍ତାନୀ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ ରଖି ଭାରତ ପକ୍ଷରୁ କୌଣସି ପ୍ରକାର ଆକ୍ରମଣ କରାଯାଇ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଗଣମାଧ୍ୟମ ସଂସ୍ଥା, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷାବାହିନୀର ଗତିବିଧି ସମ୍ବନ୍ଧୀୟ ସିଧା ପ୍ରସାରଣ କିମ୍ବା ରିଅଲ୍ ଟାଇମ୍ ରିପୋର୍ଟିଂରୁ ନିବୃତ୍ତ ରହିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସାମାଜିକ ଗଣମାଧ୍ୟମରେ ପାକିସ୍ତାନ ଆକ୍ରମଣ କରିବା ନେଇ ଭାରତ ସରକାର ସତର୍କ କରାଇଛନ୍ତି । ପାକିସ୍ତାନ ଦ୍ୱାରା ମିଛ ଖବର ଓ ସୂଚନା ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହେବ ବୋଲି ଆଶା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ହ୍ୱାଟସ୍ଆପ୍ ନମ୍ବର

୮୭୯୯-୭୧୧-୨୫୯ ଜାରି କରାଯାଇଛି । ସନ୍ଦେହଜନକ ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲେ ଏହି ନମ୍ବରକୁ ଯାଞ୍ଚ ପାଇଁ ପଠାଇପାରିବେ ବୋଲି କୁହାଯାଇଛି ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସହରର ୨୭ଟି ବିମାନ ବନ୍ଦରକୁ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ଏକାଧିକ ଉଚ୍ଚସ୍ତରୀୟ ବୈଠକ ହୋଇଯାଇଛି । ପାକିସ୍ତାନ ଓ ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟି ଅଞ୍ଚଳକୁ ହାଇଆଲର୍ଟରେ ରଖାଯାଇଛି । ସମୁଦ୍ର ଉପକୂଳରେ ଅନୁପ୍ରବେଶ ଓ ନିଷିଦ୍ଧାଞ୍ଚଳ ଉପରେ ମଧ୍ୟ ସେନାବାହିନୀ ପକ୍ଷରୁ ନଜର ରଖାଯାଇଛି ।

## ଅପରେସନ ସିନ୍ଦୂର- ଜିଲ୍ଲା ସୁରକ୍ଷା

ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି ରାଜଧାନୀ **ଭୁବନେଶ୍ୱର ବିମାନ ବନ୍ଦର**ରେ ହାଇ ଆଲର୍ଟ ଜାରି କରାଯାଇଛି । ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁରକ୍ଷାବଳ ପକ୍ଷରୁ ସମସ୍ତ ଆସବାବପତ୍ରର ଯାଞ୍ଚ କରାଯାଉଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ପାରାଦ୍ୱୀପ ବନ୍ଦରର ସୁରକ୍ଷାକୁ ବୃଦ୍ଧି କରାଯିବା ସହ ପାଟ୍ରୋଲିଂ କଡାକଡି କରାଯାଉଥିବା ଜଣାପଡିଛି ।

**ପୁରୀ** ସହର ଏବଂ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସ୍ୱତନ୍ତ୍ର ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିବାବେଳେ ପୁରୀ ପୁଲିସ୍ ପକ୍ଷରୁ ଗତକାଲି ରାତିଠାରୁ ବିଭିନ୍ନ ସ୍ଥାନରେ ଜୋରଦାର ଯାଞ୍ଚ କରାଯାଉଛି। ଆତଙ୍କବାଦୀଙ୍କ ଆକ୍ରମଣକୁ

ପ୍ରତିହତ କରିବା ପାଇଁ ସହରର ବିଭିନ୍ନ ହୋଟେଲଗୁଡ଼ିକରେ ଯାଞ୍ଚ କରାଯିବା ସହ ଉପକୂଳ ଅଂଚଳରେ ପାଟ୍ରୋଲିଂ ବ୍ୟବସ୍ଥା ଜାରି ରହିଥିବା ନେଇ ପୁରୀ ଏସ୍‌ପି ବିନୀତ ଅଗ୍ରଓ୍ୱାଲ ସୂଚନା ଦେଇଛନ୍ତି ।

ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବଲପୁର **ହୀରାକୁଦ** ଡ୍ୟାମ ପରିସରରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯିବା ସହ ଆଜିଠାରୁ ପର୍ଯ୍ୟଟଙ୍କୁ ହୀରାକୁଦ ଡ୍ୟାମ୍ ପ୍ରବେଶ ନିଷେଧ କରାଯାଇଛ ।

**କେନ୍ଦ୍ରାପଡା** ଜିଲ୍ଲା ଲାଇଟ୍‌ହାଉସ୍‌କୁ ପର୍ଯ୍ୟଟକଙ୍କୁ ବାରଣ କରାଯିବା ସହ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି ।

## ବିମାନ ବନ୍ଦର ସୁରକ୍ଷା

ଦେଶରେ ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀମାନେ ବିମାନ ବନ୍ଦରକୁ ପ୍ରବେଶ କରିବା ପରେ ବିମାନ ଉଡାଣ ପୂର୍ବରୁ ସେମାନଙ୍କର ଯାଞ୍ଚ ପ୍ରକ୍ରିୟାକୁ ଅଧିକ ବୃଦ୍ଧି କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । ବିମାନବନ୍ଦରର ଟର୍ମିନାଲ ଭବନରେ ଯାତ୍ରୀମାନଙ୍କ ସମ୍ପର୍କୀୟଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି । ସମଗ୍ର ବିମାନବନ୍ଦର ପରିସରରେ ଏୟାର ମାର୍ଶଲ ମୁତୟନ ହେବା ସହ କୌଣସି ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷଣ ନଜର ରଖାଯାଇଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇଓସିଏଲ୍-ଫୁଏଲ ଆଡଭାଇଜରୀ

ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ରହିଛି ଏବଂ ଏହାର ଯୋଗାଣ ଶୃଙ୍ଖଳ ମଧ୍ୟ ନିରବଚ୍ଛିନ୍ନଭାବେ ସୁରୁଖୁରୁରେ କାର୍ଯ୍ୟ କରୁଛି ବୋଲି ଭାରତୀୟ ତୈଳ ନିଗମ-ଆଇଓସିଏଲ୍ ପକ୍ଷରୁ କୁହାଯାଇଛି। ସମସ୍ତଙ୍କ ପାଇଁ ନିରବଚ୍ଛିନ୍ନ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆଇଓସିଏଲ୍ ପକ୍ଷରୁ ନାଗରିକମାନଙ୍କୁ ଆତଙ୍କିତ ହୋଇ ଅଧିକ ନ କିଣିବା ଏବଂ ଅନାବଶ୍ୟକ ଭିଡ଼ ଏଡାଇବା ପାଇଁ ଅନୁରୋଧ କରାଯାଇଛି । ସମସ୍ତ ଆଉଟ୍‌ଲେଟ୍‌ରେ ଇନ୍ଧନ ଏବଂ ଏଲ୍‌ପିଜି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ରହିଥିବା ଆଇଓସିଏଲ୍ ପକ୍ଷରୁ କୁହାଯାଇଛି।

## ଓଡ଼ିଶା ଭିଜନ କର୍ମଶାଳା

ଭୁବନେଶ୍ୱରରେ 'ଓଡ଼ିଶା ଭିଜନ' ଡକ୍ୟୁମେଣ୍ଟ-୨୦୨୬ ଏବଂ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପାଇଁ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜସ୍ୱ ଓ ଯୋଗାଣ ବିଭାଗର ମନ୍ତ୍ରୀମାନେ କର୍ମଶାଳାରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ରାଜ୍ୟର ଅର୍ଥନୀତି ୫୦୦ ବିଲିୟନ ଡଲାର ଛୁଇଁବ ଏବଂ ୨୦୪୭ ବେଳକୁ ଏହା ୧ ଦଶମିକ ୫ ଟ୍ରିଲିୟନ୍‌ରେ ପହଞ୍ଚିବ ବୋଲି ସେ କହିଛନ୍ତି। ଆସନ୍ତା ୨୦୩୬ ସୁଦ୍ଧା ରାଜ୍ୟରେ ନିଯୁକ୍ତି ସୁଯୋଗ ୧ କୋଟି ଅତିକ୍ରମ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ବନ୍ଦର ଏବଂ ଖଣି କ୍ଷେତ୍ରରେ ସରକାର ଆଗକୁ ବଢ଼ିବା ସହ ଏହାର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି ବୋଲି ସେ କହିଛନ୍ତି।

## ସୁରକ୍ଷା ବୀମା ଯୋଜନା

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଆଜି ୧୦ ବର୍ଷ ପୂରଣ ହୋଇଛି। ଏହି ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ଭଳି ୩ଟି ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ। ୨୦୧୫ ମଇ ମାସ ୧୫ ତାରିଖ ଆଜିର ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର କୋଲକାତାଠାରେ ଏହି ଯୋଜନା ଗୁଡ଼ିକର ଶୁଭାରମ୍ଭ କରିଥିଲେ। ନାଗରିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ସେମାନଙ୍କୁ ଅପ୍ରତ୍ୟାଶିତ ପରିସ୍ଥିତି ଏବଂ ଆର୍ଥିକ ଅନିଶ୍ଚିତତାରୁ ସୁରକ୍ଷା ପ୍ରଦାନ କରିଥାଏ। ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ୩ଟି ଜନସୁରକ୍ଷା ଯୋଜନା ଆରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଗତ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ୫୦ କୋଟି ୫୪ ଲକ୍ଷ ଲୋକ ପଞ୍ଜୀକୃତ ହୋଇସାରିଛନ୍ତି।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ମା' ଓ ନବଜାତ ଶିଶୁର ଯତ୍ନ, କିଶୋର ସ୍ୱାସ୍ଥ୍ୟ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ସମ୍ପର୍କରେ ଆଲୋଚନା ହୋଇଛି। ଡାକ୍ତରଖାନାଗୁଡ଼ିକରେ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ସଂକ୍ରମଣ ରୋକିବା ଆଦି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରକଳ୍ପ ସମୀକ୍ଷା ବୈଠକ

**ଭଦ୍ରକ** ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାସ୍ତା ନିର୍ମାଣ, ଜଳ ନିଷ୍କାସନ, ଷ୍ଟାଡିୟମ୍ ନିର୍ମାଣ, ସ୍ୱାସ୍ଥ୍ୟସେବା ଏବଂ ଜବର ଦଖଲ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ବୈଠକରେ ପୌର ପରିଷଦ ଅଧ୍ୟକ୍ଷାଙ୍କ ସମେତ କାଉନ୍‌ସିଲର ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଅଭିଯୋଗ

ଆସନ୍ତା ୧୩ ତାରିଖ ମଙ୍ଗଳବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଆଜି ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଜନସାଧାରଣ **janasunani.odisha.gov.in** ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ଅନ୍‌ଲାଇନ୍ ପଞ୍ଜୀକରଣ କରିପାରି ନଥିଲେ ମଧ୍ୟ ଅଭିଯୋଗକାରୀ ସିଧାସଳଖ ଶିବିରକୁ ଯାଇ ସେମାନଙ୍କର ଅଭିଯାଗପତ୍ର ଦାଖଲ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# ପାଣିପାଗ

ରାଜ୍ୟରେ ଗରମ ଓ ଗୁଳୁଗୁଳିର ପ୍ରଭାବ ବୃଦ୍ଧି ପାଇଛି । ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ଏବଂ ହାଲୁକା ବର୍ଷାର ପ୍ରଭାବ ଥିବାରୁ ରାଜ୍ୟର କୌଣସି ଜାଗାରେ ଆଜି ଦିନ ଗୋଟାଏ ସୁଦ୍ଧା ତାପମାତ୍ରା ୪୦ଡିଗ୍ରୀରୁ ଊର୍ଦ୍ଧ୍ୱ ନଥିଲା । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିଲେ ମଧ୍ୟ ଦିନର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଏବଂ ଏହି ସମୟ ମଧ୍ୟରେ ଗରମ ଓ ଗୁଳୁଗୁଳି ଲାଗି ରହିବ ।

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧରେ ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଏବଂ କେନ୍ଦୁଝର ଆଦି ୧୧ଟି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।